To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଦାଗୀ ନେତାଙ୍କ ବିରୋଧରେ ମାର୍ଚ୍ଚ ୧ ରୁ ଶୁଣାଣି ଆରମ୍ଭ କରନ୍ତୁ ବିଶେଷ ଅଦାଲତ: ସୁପ୍ରିମକୋର୍ଟ

R.N.I. No.-42041/83 Vol-15, Issue No.165, ଭଦ୍ରକ, ଶୁକ୍ରବାର, ୧୫, ଡିସେମ୍ବର ୨୦୧୭ ■ Bhadrak, Friday, 15 December 2017 Rs. 2.00 Pages-8

ବିଜେପି ଆଗୁଆ !

ବିଭିନ୍ନ ଏକ୍‌ଜିଟ୍ ପୋଲର ପୂର୍ବାନୁମାନ

ଅହମ୍ମଦାବାଦ, ମୋହାଲି/ସିମଲା, ୧୪।୧୨ : ଗୁଜରାଟ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ ହେବା ସହିତ ଏକ୍‌ଜିଟ୍ ପୋଲର ପରିଣାମ ସାମ୍ନାକୁ ଆସିଛି । ଗତ ୨୨ ବର୍ଷ ଧରି ରାଜ୍ୟରେ କ୍ଷମତାସୀନ ବିଜେପି ପୁଣି ଥରେ କ୍ଷମତାସୀନ ହୋଇ ପାରେ । ସାରା ଦେଶର ରାଜନୀତିକୁ ଉଷ୍ମ କରି ରଖିଥିବା ଏହି ନିର୍ବାଚନରେ ବିଜେପି ୧୦୮ ସିଟ୍ ସହିତ ବହୁମତ ପାଉଥିବା ଦେଖାଯାଇଛି । ୧୮୨ ବିଧାନସଭା ବିଶିଷ୍ଟ ଗୁଜରାଟ ବିଧାନସଭାରେ ବହୁମତ ପାଇଁ ଆବଶ୍ୟକ ୯୨ଟି ସିଟ୍ । ଅନ୍ୟ ପଟେ ଏଥର ବିଜେପିକୁ କଡ଼ା ଟକ୍କର ଦେଉଥିବା ମୁଖ୍ୟ ବିରୋଧୀ ଦଳ କଂଗ୍ରେସକୁ ୭୪ଟି ସିଟରେ ସନ୍ତୁଷ୍ଟ ରହିବାକୁ ପଡ଼ିପାରେ । ଆଜତକର ଏକ୍‌ଜିଟ୍ ପୋଲ ଓ ଇଣ୍ଡିଆ ଟୁଡେ ଏକ୍ସିସ ମାଇଁ ଇଣ୍ଡିଆର ଏକଜିଟ୍ ପୋଲ ମୁତାବକ ଗୁଜରାଟରେ ଏଥର ମଧ ପଦ୍ମ ଫୁଟିବ । ବିଜେପିକୁ ୯୯ ରୁ ୧୧୩ ସିଟ୍ ମିଳୁଥିବା ବେଳେ କଂଗ୍ରେସକୁ ୬୮ ରୁ ୮୨ ସିଟ୍ ମିଳିବା ଅନୁମାନ କରାଯାଉଛି । ଏକ୍‌ଜିଟ୍ ପୋଲ ମୁତାବକ କଂଗ୍ରେସକୁ ପାଟିଦାରଙ୍କ ଅସନ୍ତୋଷ ସମେତ ଅନ୍ୟ ସ୍ଥାନୀୟ ପ୍ରସଙ୍ଗରୁ ମଧ ବହୁତ ଲାଭ ମିଳିନଥିବା ଦେଖାଯାଇଛି । କିନ୍ତୁ ଗତ ନିର୍ବାଚନ ତୁଳନାରେ ଏଥର କଂଗ୍ରେସକୁ ୧୩ ରୁ ୨୩ ସିଟ୍ ଅଧିକ ମିଳୁଥିବା ଦେଖାଯାଇଛି । ଗତଥର କଂଗ୍ରେସକୁ ୬୧ଟି ସିଟ୍ ମିଳିଥିଲା । ଗତଥର ବିଜେପି ୧୧୫ ଟି ସିଟ୍ ସହିତ କ୍ଷମତାସୀନ ହୋଇଥିଲା । କିନ୍ତୁ ଏଥର ମୋଦୀ ଲହର ହ୍ରାସ ପାଇବା ସହିତ ବିଜେପିର ସିଟ୍ ହ୍ରାସ ପାଇଥିବା ଦେଖାଯାଇଛି ।

ଅନ୍ୟପକ୍ଷରେ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନର ପରିଣାମ ଆସିବାକୁ ଆଉ ୩ ଦିନ ବାକି ରହିଛି । ମାତ୍ର ଏକ୍‌ଜିଟ୍ ପୋଲରେ ର୍ନିବାଚନର ପରିଣାମ ଆସି ସାରିଛି । ଏନବିଟି-ସି ଭୋଟର ଏକ୍‌ଜିଟ୍ ପୋଲ ମୁତାବକ ୬୮ ବିଧାନସଭା ସିଟ୍ ବିଶିଷ୍ଟ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ ୪୧ ସିଟରେ ବିଜେପି ବିଜୟୀ ହେଉଥିବା ଦେଖାଯାଇଛି । ବିଜେପିକୁ ବହୁମତ ୩୫ ସିଟରୁ ଅଧିକ ୬ଟି ସିଟ୍ ମିଳୁଛି । ଅନ୍ୟପଟେ କ୍ଷମତାଧାରୀ କଂଗ୍ରେସକୁ ମାତ୍ର ୨୫ଟି ସିଟରେ ସନ୍ତୁଷ୍ଟ ରହିବାକୁ ପଡ଼ିପାରେ । ଦୁଇଟି ଅନ୍ୟ ଖାତାକୁ **(ପୃଷ୍ଠା-୭)**

ସଂସଦର ଶୀତକାଳୀନ ଅଧିବେଶନରେ

ତାତିବେ ବିଜେଡି ସାଂସଦ

- ■ ମହାନଦୀ-ପୋଲାଭରମ୍-ବ୍ରାହ୍ମଣୀ ହେବ ବିଜେଡିର ମୁଖ୍ୟ ଅସ୍ତ୍ର
- ■ ନବୀନ ନିବାସରେ ବିଜେଡି ସଂସଦୀୟ ଦଳ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୪।୧୨ (ସକାଳ ଖବର): - ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ଶୀତକାଳୀନ ଅଧିବେଶନରେ ବିଜେଡି ସାଂସଦ ମାନେ ମହାନଦୀ ଓ ପୋଲାଭରମ୍ ପ୍ରସଙ୍ଗ ଉଠାଇବେ । ଏନେଇ ଗୁରୁବାର ପୂର୍ବାହ୍ନରେ ବିଜେଡି ସଂସଦୀୟ ଦଳର ବୈଠକ ନବୀନ ନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ସଂସଦ ଅଧିବେଶନରେ ବିଜେଡିର ରଣନୀତି ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବିଜେଡିର ସମସ୍ତ ଲୋକ ସଭା ଓ ରାଜ୍ୟସଭା ସାଂସଦ ଯୋଗ ଦେଇଥିଲେ। **(ପୃଷ୍ଠା-୭)**

ଶେଷ ହେଲା ବିଧାନସଭା

ଭୁବନେଶ୍ୱର, ୧୪।୧୨ (ସକାଳ ଖବର):- ଗତ ନଭେମ୍ବର ୨୮ ତାରିଖରୁ ଆରମ୍ଭ ହୋଇଥିବା ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଅବଧି ପୁରିବାର ୧୩ ଦିନ ପୂର୍ବରୁ ଗୁରୁବାର ଦିନ ଶେଷ ହୋଇଛି। ବିଧାନସଭା ବାଚସ୍ପତି ପ୍ରଦୀପ ଅମାତ୍ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରହିଲା ବୋଲି ଅପରାହ୍ନ ୫ଟା ୫୮ରେ ଘୋଷଣା କରିଛନ୍ତି । ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅଧିବେଶନ ଚାଲିବାର ଥିଲା । ବିରୋଧୀ ଦଳର କକ୍ଷ ତ୍ୟାଗ ମଧ୍ୟରେ ୨ଟି ବିଲ୍ ଉପସ୍ଥାପନ ହେବା ସହ ଆଲୋଚନା ହୋଇ ପାରିତ ହେବା ଶେଷ ଦିନର ଉଲ୍ଲେଖନୀୟ ଘଟଣା ଥିଲା। ଉଭୟ କଂଗ୍ରେସ ଓ ବିଜେପି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅରୁଚିକର ମନ୍ତବ୍ୟ ପାଇଁ କ୍ଷମା ପ୍ରାର୍ଥନା କରିବା ପାଇଁ ବାଚସ୍ପତି ମନ୍ତ୍ରୀଙ୍କୁ କୌଣସି ନିର୍ଦ୍ଦେଶ ଦେଇନଥିବା ଉପରେ ପ୍ରଶ୍ନ କରିବାକୁ ଚାହିଁଥିବା ବେଳେ ସେମାନଙ୍କୁ ସୁଯୋଗ ନଦେବା ପ୍ରତିବାଦରେ ବିରୋଧୀ ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ ।

ଏହି ଅଧିବେଶନ ରାଜନୈତିକ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱପୂର୍ଣ୍ଣ ଥିଲା । ଚଳିତ ଅଧିବେଶନରେ ରାଜ୍ୟର ସ୍ୱାର୍ଥଜନିତ ଗୁରୁତ୍ୱପୂର୍ଣ୍ଣ ମହାନଦୀ ପ୍ରସଙ୍ଗ ଉପରେ ୨ ଟି ପ୍ରସ୍ତାବ ଆସିଥିବାବେଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ନେଇ ଗୋଟିଏ ପ୍ରସ୍ତାବ ଆସିଥିଲା । ଶାସକ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଆଣିଥିବା ଏହି ପ୍ରସ୍ତାବ ଉପରେ ଦୀର୍ଘ ସମୟ ଧରି ଆଲୋଚନା ହେବା ପରେ ଗୃହୀତ ହୋଇଥିଲା। ସର୍ବନିମ୍ନ ସହାୟକ ଦର ବୃଦ୍ଧି ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିବା ବେଳେ ମହାନଦୀ ପ୍ରସଙ୍ଗରେ ଟ୍ରିବ୍ୟୁନାଲ ଗଠନ ଲାଗି ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି କରିବା **(ପୃଷ୍ଠା-୭)**

୮ ନକ୍ସଲ ମୃତ

ପୋଲିସ-ମାଓବାଦୀ ଗୁଳି ବିନିମୟ

ମାଲକାନଗିରି, ୧୪।୧୨ (ସକାଳ ଖବର): ସୀମାନ୍ତ ତେଲେଙ୍ଗାନା ରାଜ୍ୟ ଭଦ୍ରାଦିକୋତାଗୁଡମ୍ ଜିଲ୍ଲା ଟେକୁଲାପାଲି ମଣ୍ଡଳର ନେଲାମଡଗୁ ଜଙ୍ଗଲରେ ମାଓବାଦୀ ସଂଗଠନରୁ ଅଲଗା ହୋଇ ଗଠିତ ଅନ୍ୟ ଏକ ଛାମୁଆ ମାଓବାଦୀ ଦଳର କ୍ୟାମ୍ପ ଉପରେ ଚଢ଼ଉ କରି ଜିଲ୍ଲା ପୋଲିସ ୮ଜଣ ନକ୍ସଲଙ୍କୁ ନିପାତ କରିବା ସହ ଘଟଣାସ୍ଥଳରୁ ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛି । ଏଠାରେ ମାଓବାଦୀଙ୍କ ଏକ ଶିବିର ଚାଲିଥିବା ନେଇ ଗୁଇନ୍ଦା ସୂତ୍ରରୁ ସୂଚନା ପାଇବା ପରେ ଜିଲ୍ଲା ପୋଲିସର ଏକ ଟିମ୍ ଗତକାଲି ବିଳମ୍ବିତ ରାତ୍ରରେ ସେଠାରେ ପହଂଚି କ୍ୟାମ୍ପକୁ ଠାବ କରିଥିଲେ । ଆଜି ଭୋର ସମୟରେ ସେଠାରେ ମାଓବାଦୀ- ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ୮ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ଘଟଣାସ୍ଥଳରୁ ୬ଟି ମୃତଦେହକୁ ପୋଲିସ ଜବତ କରିଛି । ୫ଟି ବନ୍ଧୁକ, ତାର ବିସ୍ଫୋରକ ଆଦି ସାମଗ୍ରୀ ଜବତ ହୋଇଛି । ମୃତ ମାଓବାଦୀଙ୍କ ମଧ୍ୟରେ ଡିସିଏସ କ୍ୟାଡରର ମାଓବାଦୀ କୁମାର ଥିବା ଜଣାପଡିଛି ।

ଓଡ଼ିଶାର ୧୫ଟି ସାମଗ୍ରୀକୁ ମିଳିଛି ଜିଆଇ ମାନ୍ୟତା

ରସଗୋଲା ପାଇଁ ତଥ୍ୟ ପ୍ରମାଣ ସଂଗ୍ରହ କରୁଛନ୍ତି

ଭୁବନେଶ୍ୱର, ୧୪।୧୨ (ସକାଳ ଖବର): ଓଡ଼ିଶାରେ ଉତ୍ପାଦିତ ୧୫ଟି ସାମଗ୍ରୀକୁ ଏଯାବତ୍ ଜିଆଇ ମାନ୍ୟତା ମିଳିଛି। ୨୦୧୫ରୁ ପଶ୍ଚିମବଙ୍ଗ ରସଗୋଲା ପାଇଁ ଆବେଦନ କରି ଗତ ନଭେମ୍ବର ୧୪ ତାରିଖରେ ଜିଆଇ ମାନ୍ୟତା ହାସଲ କରିଥିବା ବେଳେ ଓନିଶା ରସଗୋଲା ଲାଗି ଜିଆଇ ମାନ୍ୟତା ପାଇଁ ଆବେଦନ କରିବାକୁ ତଥ୍ୟ ପ୍ରମାଣ ସଂଗ୍ରହ କରୁଛି। ବିଜେପି ବିଧାୟକ ଦିଲିପ ରାୟଙ୍କ ଏକ ତାରକା ଚିହ୍ନିତ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ ମଦ୍ରୀ ନାରାୟଣ ପାତ୍ରା ସରକାରଙ୍କ ପ୍ରଦତ ତଥ୍ୟ ଅନୁଯାୟୀ ୫ଟି ବୟନଶିଳ୍ପ ଓ ହସ୍ତତନ୍ତ, ୮ଟି ହସ୍ତଶିଳ୍ପ ଏବଂ ୨ଟି କୃଷିଜାତ ସାମଗ୍ରୀ ଲାଗି ୨୦୦୫-୦୬ରୁ ୨୦୧୩-୧୪ ମଧ୍ୟରେ ଓଡ଼ିଶା ଜିଆଇ ମାନ୍ୟତା ହାସଲ କରିଛି। ସର୍ବପ୍ରଥେମ କୋଟପାଡ଼ର ହ୍ୟାଣ୍ଡଲୁମ୍ ଫ୍ୟାବ୍ରିକ୍ ଓ ଓଡ଼ିଶା ଇକତ୍ ଶାଢ଼ୀ ୨୦୦୫-୦୬ ବର୍ଷରେ ଜିଆଇ ମାନ୍ୟତା ହାସଲ କରିଥିଲା। ଓଡ଼ିଶାର ଖଣ୍ଡୁଆ, ଗୋପାଳପୁରର ଟସର୍ କପଡ଼ା ଓ ପଟ୍ଟଚିତ୍ର ଖୋଦିତ ଲୁଗାକୁ ମଧ ଏହି ମାନ୍ୟତା ମିଳିଛି। କୋଣାର୍କର ପଥର ଖୋଦେଇ କାମ, ଓଡ଼ିଶା ପଟ୍ଟଚିତ୍ର, ପିପିଲି ଚାନ୍ଦୁଆ, ଧଳାପଥରର ପରଦା, ସମ୍ବଲପୁର ବାନ୍ଧଶାଢ଼ୀ, ବମ୍‌କେଇ ଶାଢ଼ୀ, ହବସ୍‌ପୁର ଶାଢ଼ୀ, ବ୍ରହ୍ମପୁରର ପାଟ୍ଟଶାଢ଼ୀ ଓ ଯୋଡ଼, ଗଞ୍ଜାମର କେତକୀ ଫୁଲ ଆଦି ଜିଆଇ ମାନ୍ୟତା ହାସଲ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁଯାୟୀ ବାଂଲାର ରସଗୁଲାର ଜିଆଇ ମାନ୍ୟତା ପାଇଁ ପଶ୍ଚିମବଙ୍ଗ ରାଜ୍ୟ ଖାଦ୍ୟ ପ୍ରକ୍ରିୟାକରଣ ଓ ଉଦ୍ୟାନ କୃଷି ଉନ୍ନୟନ ନିଗମ ୧୮.୦୯.୨୦୧୫ରେ ଆବେଦନ କରି ୧୪.୧୧.୨୦୧୭ରେ ଏହା ହାସଲ କରିଛନ୍ତି। ଓଡ଼ିଶା ରସଗୋଲାର ଜିଆଇ ମାନ୍ୟତା ପାଇଁ ଓଡ଼ିଶା ସରକାର ଆବେଦନ **(ପୃଷ୍ଠା-୭)**

ସିଟିବସ୍‌ରେ ଲାଗିଲା ନିଆଁ

ଭୁବନେଶ୍ୱର,୧୪।୧୨ (ସକାଳ ଖବର): - ଭୁବନେଶ୍ୱରର ପୋଖରୀପୁଟ ପେଟ୍ରୋଲ ପମ୍ପ୍ ନିକଟରେ ନିଆଁ ଲାଗିଯିବା ଫଳରେ ଏକ ସିଟି ବସ୍ ଜଳି ଯାଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି । ସୂଚନା ଅନୁଯାୟୀ ପେଟ୍ରୋଲ ପମ୍ପ ନିକଟରେ ହଠାତ୍ ଗାଡିରେ ନିଆଁ ଲାଗିଯାଇଥିଲା । ବସ୍ ର ତଳ ଭାଗରେ ନିଆଁ ଲାଗି ପ୍ରବଳ ଧୂଆଁ **(ପୃଷ୍ଠା-୭)**



ଯିଏ ମୋତେ ଭକ୍ତିରେ
ହାତ ଯୋଡିବ ମୁଁ ତା
ପାଖକୁ ପହଞ୍ଚିବି ସେ
ଯେଉଁଠି ଥାଉ ।

ହୁଣ୍ଡିର ଆୟ (୧୪.୧୨.୧୭)
୨,୩୨,୪୦୫

ଧର୍ମଘଟରୁ ଓହରିଲା ଟ୍ରକ ମାଲିକ ସଂଘ

ଭୁବନେଶ୍ୱର, ୧୪।୧୨ (ସକାଳ ଖବର):- ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ସଂଘ ପକ୍ଷରୁ ଆସନ୍ତାକାଲି ଠାରୁ ପ୍ରସ୍ତାବିତ ଧର୍ମଘଟ ଡାକରାରୁ ଓହରିଯାଇଛି । ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ସଂଘ ଏହି ନିଷ୍ପତିରୁ ଓହରିଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ସରକାରଙ୍କ ସହ ଟ୍ରକ ମାଲିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ଜି. ଶ୍ରୀନିବାସଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ସରକାରଙ୍କ ସହ ଟ୍ରକ ମାଲିକ ସଂଘର ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ସଂପୂର୍ଣ୍ଣ ହୋଇଛି । ବୈଠକର ନିଷ୍ପତି ଅନୁସାରେ ସରକାର ଟ୍ରକ ମାଲିକ ସଂଘର କେତେଗୋଟି ଦାବି ଗ୍ରହଣ କରି ନେଇଥିବା ବେଳେ ଅନ୍ୟ ସମସ୍ତ ଦାବି ସଂପର୍କରେ ମାସକ ମଧ୍ୟରେ ନିଷ୍ପତି ନିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଛି । ଫଳରେ ଟ୍ରକ ମାଲିକ ସଂଘ ଏହି ସଂପର୍କରେ ସନ୍ତୋଷ ବ୍ୟକ୍ତ କରି ଧର୍ମଘଟରୁ ଓହରି ଯାଇଛନ୍ତି । ବୈଠକର ଆଲୋଚନା ଅନୁସାରେ ସରକାର ପ୍ରଚଳିତ ଗ୍ରୀନ୍ ଟ୍ୟାକ୍ସ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁଏକ ବୈଷୟିକ କମିଟି ଗଠନ କରିଛନ୍ତି । କମିଟିର ସୁପାରିଶ ଅନୁଯାୟୀ ସରକାର ଉଭୟ ପକ୍ଷକୁ ସୁହାଇଲା ଭଳି ନିଷ୍ପତି ଗ୍ରହଣ କରିବେ । ସେହିପରି ନୂଆ ଗାଡ଼ି କ୍ରୟ କରିବା ସମୟରେ ସଂପୃକ୍ତ ଗାଡ଼ିର ଡିଲରଙ୍କ ନିକଟରେ ରେଜିଷ୍ଟ୍ରେସନ୍ ଟ୍ୟାକ୍ସ ପଇଠ ନକରି ଆଂଚଳିକ ପରିବହନ ଅଧିକାରୀଙ୍କ ନିକଟରେ ଟ୍ୟାକ୍ସ ପଇଠ କରିବା, ଗାଡ଼ିର ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ଓ ଡ୍ରାଇଭିଂ **(ପୃଷ୍ଠା-୭)**

ଓଏସ ଅଧିକାରୀଙ୍କୁ ଦଣ୍ଡାଦେଶ

ଭୁବନେଶ୍ୱର, ୧୪।୧୨ (ସକାଳ ଖବର):- ବଲାଙ୍ଗୀରର ସ୍ୱତନ୍ତ୍ର ଜଜ ଭିଜିଲାନ୍ସ ଗୁରୁବାର ଦିନ ଲୋଇସିଂହାର ପୂର୍ବତନ ତହସିଲଦାର ତଥା ଓଏଏସ ଶ୍ରୀମତୀ ବିଜୟିନୀ ବିଶ୍ୱାଳଙ୍କୁ ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ କରି ଦୁଇ ବର୍ଷ କାରାଦଣ୍ଡ ଓ ଦୁଇ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ କରିଛନ୍ତି । ଶ୍ରୀମତୀ ବିଶ୍ୱାଳ ଜଣେ ବ୍ୟକ୍ତିଙ୍କ ଠାରୁ ୪ ହଜାର ଟଙ୍କା ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଥିଲେ ।

ଶ୍ରୀମନ୍ଦିର ଅସୁରକ୍ଷିତ !

- ● ଶ୍ରୀମନ୍ଦିର ଉପରେ ଡ୍ରୋନ୍ କ୍ୟାମେରା ଉଡିଲା
- ● ୪ ବିଦେଶୀ ଅଟକ

ପୁରୀ, ୧୪।୧୨ (ସକାଳ ଖବର): ଆଜି ମଧ୍ୟାହ୍ନରେ ଶ୍ରୀମନ୍ଦିର ଉପରେ ଡ୍ରୋନ କ୍ୟାମେରା ଉଡାଇ ୪ ଜଣ ଋଷୀୟ ନାଗରିକ ଫୋଟୋ ଉଠାଉଥିବା ଜଣାପଡିବା ପରେ ସିଂହଦ୍ୱାର ଥାନା ପୋଲିସ ସମ୍ପୃକ୍ତ ଚାରି ଜଣଙ୍କୁ ଥାନାକୁ ଆଣି ପଚରା ଉଚୁରା ଚଳାଇଛି । ସେମାନେ ହେଲେ ମ୍ୟାକ୍ସିମ ଭରକୋ ତୁରଭ, ୟୁଲିଆ ସାଭାଲିଭା, ଡିମା ଜ୍ଲୋବିନ ଏବଂ ଏଲିନା ସୋଲେଦିହୁକ । ଏଠାରେ ଉଲ୍ଲେଖଯୋଗ୍ୟ ଯେ,

ଶ୍ରୀମନ୍ଦିର ଉପର ଭାଗକୁ ପୂର୍ବରୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି । ଏପରିକି ଏହାର ସୁରକ୍ଷା ପ୍ରତି ବିପଦ ଥିବାରୁ ଡ୍ରୋନ କ୍ୟାମେରାକୁ ଉଡାଣକୁ ଶ୍ରୀମନ୍ଦିର ପ୍ରଶାସନ ବାରଣ କରିଛି ।

ନୌସେନାରେ ଆଇଏନଏସ କଲବରୀ ସାମିଲ

ମୁମ୍ବାଇ,୧୪।୧୨ : ଦେଶରେ ନୌସେନାର ଶକ୍ତି ବୃଦ୍ଧି ପାଇଛି । ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତି ରେ ଯୁଦ୍ଧ ଜାହାଜ କଲବରୀ ନୌସେନା ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି । କିଛିଦିନ ତଳେ ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରିଥିବା ଭାରତୀୟ ନୌସେନାଙ୍କୁ ଏହି ଜାହାଜ ଏକ ସର୍ବୋତମ ଉପହାର । ଆଇଏନଏସ କଲବରୀ ମେକ୍ ଇନ୍ ଇଣ୍ଡିଆର ସର୍ବୋତ୍କୃଷ୍ଟ ଉଦାହରଣ । ଏହାର କୌଣସି ତୁଳନା ନାହିଁ । ଏଥିପାଇଁ ନୌସେନା ସହିତ ଦେଶବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ବୋଲି ପ୍ରଧାନମନ୍ତ୍ରୀ ମୋଦି ଲୋକାର୍ପିତ କରି କହିଥିଲେ । ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରି ମୋଦି କହିଥିଲେ ଯେ, ହିନ୍ଦ୍ ମହାସାଗର କେବଳ ଭାରତର ନୁହଁ ବରଂ ବିଶ୍ୱପାଇଁ ମହତ୍ତ୍ୱପୂର୍ଣ୍ଣ । ଏକବିଂଶ ଶତାବ୍ଦୀରେ ହିନ୍ଦ୍ ମହାସାଗର ବିଶ୍ୱର ପ୍ରବେଶ ପଥ ହେବ । ଏଥିପାଇଁ ଆମର ନୀତିରେ ହିନ୍ଦ ମହାସାଗରକୁ ବିଶେଷ ସ୍ଥାନ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଆଇଏନଏସ କଲବରୀ ଏକ ଡିଜେଲ୍-ବୈଦ୍ୟୁତିକ ଯୁଦ୍ଧ ଜାହାଜ । ଏହା ସ୍କୋର୍ପିନ୍ ଶୃଙ୍ଖଳାର ସେହି ୬ ଜଳ ଜାହାଜ ମଧ୍ୟରୁ ଅନ୍ୟତମ । ଏହା ମେକ୍ ଇନ୍ ଇଣ୍ଡିଆର ପ୍ରଥମ ସଫଳତାକୁ ଦର୍ଶାଉଛି । ଏହି ପ୍ରକଳ୍ପ ଫ୍ରାନ୍ସ ସହଯୋଗରେ ପରିଚାଳନା କରାଯାଉଛି । **(ପୃଷ୍ଠା-୭)**

ବଢ଼ିବ ଦେଶର ଶକ୍ତି

ଚନ୍ଦ୍ରଭାଗା ବେଳାଭୂମିରେ ମହିଳା ପର୍ଯ୍ୟଟକ ମୃତ

ପୁରୀ,୧୪।୧୨ (ସକାଳ ଖବର): ଚନ୍ଦ୍ରଭାଗାଠାରେ ସମୁଦ୍ର ସ୍ନାନସାରି ଉପରକୁ ଆସୁଥିବା ସମୟରେ ଜଣେ ମହିଳା ପର୍ଯ୍ୟଟକଙ୍କର ଗୁରୁବାର ପୂର୍ବାହ୍ନ ୧୧ଟାରେ ହୃଦଘାତରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତ ପର୍ଯ୍ୟଟକଙ୍କ ନାମ ଲଳିତା ଦେବୀ (୭୦) ଓ ଜାରଖଣ୍ଡର ମଣିପୁର [illegible] ସୂଚନା ମିଳିଛି ମହିଳାଙ୍କୁ ଅଚେତ ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ସହଯାତ୍ରୀମାନେ ପ୍ରଥମେ କୋଣାର୍କ ପ୍ରାଥମିକ ଚିକିତ୍ସାକେନ୍ଦ୍ରକୁ ଆଣିଥିଲେ। ହେଲେ ଏଠାରେ ଡାକ୍ତର ନଥିବାରୁ ସହଯାତ୍ରୀମାନେ କୋଣାର୍କଠାରୁ ୧୫ କିଲୋମିଟର ଦୂରରେ ଥିବା ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ । ଅବସ୍ଥା ସଂକଟାପନ୍ନ ଥିବାରୁ ଉନ୍ନତ ଚିକିତ୍ସା ଦେବାକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ମୃତ ମହିଳାଙ୍କର ସହଯାତ୍ରୀ ଇଙ୍ଗନା ସିଂ କହିଛନ୍ତି

œÿ¯ÿêœÿZÿ {œÿ†ÿ†ÿ{Àÿ AæSLÿ HÝÉæ 1œÿºÀÿ Àÿæf¿ {Üÿ¯ÿ

Q~ þüÿAæZÿ ÓÀÿäæ {'ÿDd;ÿ Àÿæf¿ÓÀÿLÿæÀÿ : ¯ÿ{f¨

ÉêÉê ¯ÿÉ¯ÿ'ÿ¿æÁÿß{Àÿ "Üÿæ¨{œÿÓ AæS ¯ÿæLÿ{¨Ó' Àÿæ Î êß {Óþœÿæ Àÿÿ

†ÿ†ÿêßàÿèÿê ¯ÿSZÿ œÿþ{;ÿ Sæ{þ¿æ{'ÿ¿æS H Aæþœÿ¾Nÿ LÿþÉÁÿæ

ÉNÿ ÓóAÿä~ 'ÿ¯ÿÓ ¨ÁÿA†ÿ

fàÿæÔÿàÿ{Àÿ f¤†ÿêß ÉNÿ ÓóAÿä~ 'ÿ¯ÿÓ

Àÿæf¿ ÓÀÿLÿæÀÿZÿÀÿ ™þœÿSÀÿ ¯ÿæÓêZ AæDFLÿ D¨Üÿæ Aæ Üÿ æÀÿ {Lÿ¢ œÿþ{;ÿ µÿ^ÿ ¨ÖÀÿ ×æ¨œÿ

ÓóàÿÀÿ ¨Àÿ {ÀÿÀÿ¢ ¨Ðæ¨ß{Àÿ ‡êß Aæß

SþœÿÀÿ{Àÿ ¨¾Nÿ ¨'ÿ¿æÁÿß þæS~ †ÿæàÿþ



BISWARANJAN BARIK

Vice Chairman kjr Sadar

Printed, Published & Owned by Amit Kumar Mallick, Printed at Press Webline, D-2/19 Sector "Sector-A, Zone-D, Mancheswar Industrial Estate, BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, E-mail address: thesakala@hotmail.com, thesakal0@gmail.com
Editor - Amit Kumar Mallick